E mail ID: tah.niali@nic.in
: 0671-2803397

# ତହସିଲ କାର୍ଯ୍ୟାଳୟ ନିଆଳି, ଜିଲ୍ଲା- କଟକ

ପତ୍ର ସଂଖ୍ୟା 1814 / ତଉଜି ତାରିଖ 31.08.19

## ନିଲାମ ଇସ୍ତାହାର

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୯-୨୦ ଆର୍ଥିକ ବର୍ଷ ନିମନ୍ତେ, (ତା.୩୧.୦୩.୨୦୨୦) ପର୍ଯ୍ୟନ୍ତ ନିଆଳି ତହସିଲ ଅଧିନରେ ଥିବା ନିମ୍ନଲିଖିତ ମତ୍ସ୍ୟଦିଆ ସୈରାତ ଉତ୍ସ ଗୁଡିକ ଆସନ୍ତା ତା.୨୦.୦୭.୨୦୧୯ ରିଖ ପ୍ରଥମ ପର୍ଯ୍ୟାୟରେ ଦିବା ୧୧ ଘଟିକା ଠାରୁ ତହସିଲଦାର, ନିଆଳିଙ୍କ କାର୍ଯ୍ୟାଳୟ ଠାରେ, ପ୍ରକାଶ୍ୟରେ ନିଲାମ କରାଯିବା ପାଇଁ ସ୍ଥିରୀକୃତ ହୋଇଅଛି । ଏଣୁ ଏହି ନିଲାମରେ ଅଂଶଗ୍ରହଣ କରିବା ପାଇଁ ଇଚ୍ଛୁକ ଥିବା ବ୍ୟକ୍ତି ନିର୍ଦ୍ଧାରିତ ସମୟ ପୂର୍ବରୁ ନିର୍ଦ୍ଧାରିତ ମୂଲ୍ୟର ଦଶପ୍ରତିଶତ ଅମାନତ ତହସିଲଦାର, ନିଆଳିଙ୍କ ସପକ୍ଷରେ **Demand Draft Payble at Indian Bank, Niali Branch, Niali** ଦରଖାସ୍ତ ସହ ସଂଲଗ୍ନ କରି ସାଧା କାଗଜରେ ନିଜ ନାମ ଠିକଣା ସହିତ, ଦରଖାସ୍ତକାରୀଙ୍କ ପରିଚୟପତ୍ର ସୈରାତ ଉତ୍ସର ନାମ ଏବଂ ଉତ୍ସଟିକୁ କେତେ ଟଙ୍କାରେ ନିଲାମ ନେବାକୁ ଚାହାନ୍ତି ଉଲ୍ଲେଖ କରି ନିଜର ଦରଖାସ୍ତ ସହିତ ଜଉମୁଦ ଲଫାପାରେ ତହସିଲଦାର, ନିଆଳିଙ୍କ କାର୍ଯ୍ୟାଳୟ ଠାରେ ଥିବା ସିଲ୍ଡ ଟେଣ୍ଡର ବାକ୍ସରେ ପକାଇ ପାରିବେ । ଯାହା ନିଲାମ ଧାର୍ଯ୍ୟ ତାରିଖରେ ପୂର୍ବ କାର୍ଯ୍ୟାଳୟ ଦିବସରେ ଅପରାହ୍ନ ୫ ଘଟିକା ପୂର୍ବରୁ ପହଂଚିବା ଆବଶ୍ୟକ । ଧାର୍ଯ୍ୟ ସମୟ ପରେ ଦରଖାସ୍ତ ଗୁଡିକ ଗ୍ରହଣ କରାଯିବ ନାହିଁ । ଜଉମୁଦ ଲଫାପା ଉପରେ ସୈରାତ ଉତ୍ସର ନାମ ସ୍ପଷ୍ଟ ଭାବେ ଲେଖାଥିବା ଦରକାର । ଧାର୍ଯ୍ୟ ସମୟ ଓ ତାରିଖରେ ଟେଣ୍ଡର ପେପର ଖୋଲାଯାଇ ସର୍ବୋଚ୍ଚ ମୂଲ୍ୟ ଅର୍ପଣ କରିଥିବା ବ୍ୟକ୍ତିଙ୍କ ସପକ୍ଷରେ ସାମୟିକ ଭାବରେ ନିଲାମ ଧାର୍ଯ୍ୟ କରାଯିବ । ଟେଣ୍ଡର ପେପର ଖୋଲାଯିବା ସମୟରେ ଟେଣ୍ଡର ପକାଇଥିବା ପ୍ରାର୍ଥୀମାନେ ଉପସ୍ଥିତ ରହିବାକୁ ଅନୁରୋଧ । ସର୍ବୋଚ୍ଚ ନିଲାମ ଉଲ୍ଲେଖ କରିଥିବା ବ୍ୟକ୍ତି ସମସ୍ତ ଅର୍ଥ ଏକକାଳୀନ ପୈଠ କରିବେ । ପ୍ରକାଶ ଥାଉକି ପ୍ରଥମ ପର୍ଯ୍ୟାୟରେ କୌଣସି ଉତ୍ସ ନିଲାମ ନହୋଇପାରିଲେ ତାହା ଦ୍ୱିତୀୟ ଥର ତା.୨୭.୦୯.୨୦୧୯ ରିଖ ଦିବା ୧୧ ଘଟିକା ଠାରୁ ଏବଂ ଅବଶିଷ୍ଟ ଉତ୍ସ ଗୁଡିକ ୩ୟ ଥର ତା.୦୪.୧୦.୨୦୧୯ ରିଖ ଦିନ ଦିବା ୧୧ ଘଟିକାରେ ନିଲାମ କରାଯିବ । ପ୍ରକାଶ ଥାଉକି କୌଣସି କାରଣ ନଦାଇ କର୍ତ୍ତୃପକ୍ଷ ସର୍ବୋଚ୍ଚ ନିଲାମକୁ ରଦ୍ଦ କିମ୍ବା ସ୍ଥଗିତ କରିପାରିବେ । ସୈରାତ ଉତ୍ସଗୁଡିକ ତହସିଲଦାର, ନିଆଳିଙ୍କ କାର୍ଯ୍ୟାଳୟ ଠାରେ (**Annexure-I**)ରେ ଦିଆଯାଇଥିବା ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ନିଲାମ କାର୍ଯ୍ୟ ସମ୍ପାଦିତ କରାଯିବ ।

ଏହି ଇସ୍ତାହାରର ସବିଶେଷ ବିବରଣୀ ଜିଲ୍ଲା ୱେବସାଇଟ **www.cuttack.nic.in** ରେ ମଧ୍ୟ ଉପଲବ୍ଧ ।

ତହସିଲଦାର, ନିଆଳି

Annexure-I

## ମତ୍ସ୍ୟଦିଆ ଉତ୍ସ ଗୁଡିକର ବିବରଣୀ

| କ୍ରମିକ ସଂଖ୍ୟା | ସୈରାତ କେଶ ନଂ | ମତ୍ସ୍ୟଦିଆ ଉତ୍ସ ଗୁଡିକର ନାମ | ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ରକବା (ଏକରରେ) | ସରକାରୀ ଧାର୍ଯ୍ୟମୂଲ୍ୟ (ଟଙ୍କାରେ) | ଅମାନତ ରାଶି | ନଲାମ ନିମନ୍ତେ ନିର୍ଦ୍ଧାରିତ ସ୍ଥାନ,ସମୟ ଓ ତାରିଖ | କ୍ଷମତାପନ୍ନ ପ୍ରାଧିକାରୀ |
|---|---|---|---|---|---|---|---|---|---|---|
| ୦୧ | ୦୨/୧୮-୧୯ | ଚିତୁଡି ପାଣିମାଳ ଦେବୀନଦୀ ମତ୍ସ୍ୟଦିଆ | ଚିତୁଡି ପାଣିମାଳ | ୨୨୫ | ୨୩୫୭ | ଏ.୧୨.୮୨ | ଟ.୨,୩୧,୦୦୦.୦୦ | ଟ.୨୩୧୦୦.୦୦ | ତହସିଲଦାର ନିଆଳୀଙ୍କ କାର୍ଯ୍ୟାଳୟ, ନିଆଳୀ, ନିଲାମ ତାରିଖ ୨୦.୦୯.୨୦୧୯ ୨୭.୦୯.୨୦୧୯ ୦୪.୧୦.୨୦୧୯ ସମୟ ଦିବା ୧୧ ଘଟିକା | ତହସିଲଦାର ନିଆଳୀ |
| ୦୨ | ୧୦/୧୮-୧୯ | ସୁନିଦା ଦେବୀନଦୀ ମତ୍ସ୍ୟଦିଆ | ସୁନିଦା | ୨୫୧ | ୦୧/୮୪୭ | ଏ.୫୭.୨୫ | ଟ.୮୩୧୧୦.୦୦ | ଟ.୮୩୧୧.୦୦ | ଏଜନ | ଏଜନ |
| ୦୩. | ୧୧/୧୮-୧୯ | କଣ୍ଢିଶାଳ ଦେବୀନଦୀ ମତ୍ସ୍ୟଦିଆ | କଣ୍ଢିଶାଳ | ୨୯୧ | ୧୧୧୪ | ଏ.୫.୦୦ | ଟ.୧୯୫୦୦.୦୦ | ଟ.୧୯୫୦.୦୦ | ଏଜନ | ଏଜନ |
| ୦୪. | ୧୩/୧୮-୧୯ | ପାଟେଳୀବାଣପୁର ଦେବୀନଦୀ ମତ୍ସ୍ୟଦିଆ | ପାଟେଳୀବାଣପୁର | ୪୦୯ | ୩୯୨/୨୭୧୩ | ଏ.୨୨.୪୭ | ଟ.୭୨୦୦୦.୦୦ | ଟ.୭୨୦୦.୦୦ | ଏଜନ | ଏଜନ |

ତହସିଲଦାର, ନିଆଳି